ପାଠ-୧୬

# ପତାକା ଉତ୍ତୋଳନ

STUDY NOTES

## MIND MAP

- **ପତାକା ଉତ୍ତୋଳନ**
  - ଗାଳ୍ପିକ-ସୁରେନ୍ଦ୍ର ମହାନ୍ତି
    - ୧୯୨୦-୧୯୯୧
      - ସ୍ୱାଧୀନତା ପରବର୍ତ୍ତୀ ଓଡିଆ କଥା ସାହିତ୍ୟ
        - ଅପ୍ରତିଦ୍ୱନ୍ଦୀ ସ୍ରଷ୍ଟା
  - **ଗଳ୍ପ**
    - କୃଷ୍ଣଚୂଡା
    - ରୁଟି ଓ ଚନ୍ଦ୍ର
    - ମରାଳର ମୃତ୍ୟୁ
  - ଉପନ୍ୟାସ
    - ଗଳ୍ପର ପରିସର-ବୌଦ୍ଧଯୁଗ-ଆଧୁନିକ ଯୁଗ
    - ଅନ୍ଧଦିଗନ୍ତ
    - ବଧୂ ଓ ପ୍ରିୟା
  - ଜୀବନ ଚରିତ
    - ମଧୁସୂଦନ ଦାସଙ୍କ ଜୀବନୀକୁ ନେଇ
      - ପଥ ଓ ପୃଥିବୀ
        - ଆତ୍ମ ଚରିତ
          - ସ୍ୱାଧୀନତା ମଣିଷର ଜନ୍ମଗତ ଦାବି
    - କୁଳବୃଦ୍ଧ

**ଗାଳ୍ପିକ ପରିଚୟ-**

ସୁରେନ୍ଦ୍ର ମହାନ୍ତି ଥିଲେ ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କଥା ସାହିତ୍ୟର ଜଣେ ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା। ମାନବ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରି ସେ ଲେଖନୀ ଚାଳନା କରିଥିଲେ। ତାଙ୍କ ଗଳ୍ପର ପରିସର ବୌଦ୍ଧଯୁଗର ଘଟଣାଠାରୁ ଆରମ୍ଭ କରି ଆଧୁନିକ ମାନବ ଜୀବନ ପର୍ଯ୍ୟନ୍ତ ପରିବ୍ୟାପ୍ତ। 'କୃଷ୍ଣଚୂଡ଼ା', 'ରୁଟି ଓ ଚନ୍ଦ୍ର', 'ସବୁଜ ପତ୍ର ଓ ଧୂସର ଗୋଲାପ', 'ମହାନଗରୀର ରାତ୍ରି', 'ମରାଳର ମୃତ୍ୟୁ' ଏବଂ 'ଓ କାଲ୍‌କାଟା' ପ୍ରଭୃତି ପୁସ୍ତକଗୁଡ଼ିକ ତାଙ୍କର ଗୋଟିଏ ଗୋଟିଏ ସାର୍ଥକ ଗଳ୍ପ ସଂକଳନ। ଗଳ୍ପ ବ୍ୟତୀତ ସେ ଅନେକ ଉପନ୍ୟାସର ସ୍ରଷ୍ଟା। 'ବଧୂ ଓ ପ୍ରିୟା', 'ଅନ୍ଧଦିଗନ୍ତ', 'ନୀଳଶୈଳ', 'ନିଳାଦ୍ରି ବିଜୟ' ପ୍ରଭୃତି ଉପନ୍ୟାସ ତାଙ୍କୁ ପ୍ରଦାନ କରିଛି ଅନେକ ଲୋକପ୍ରିୟତା। 'ନୀଳଶୈଳ' ଉପନ୍ୟାସ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାରରେ କରିଛି ବିଭୂଷିତ। ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୀବନୀ ଉପରେ ଆଧାରିତ 'ଶତାବ୍ଦୀର ସୂର୍ଯ୍ୟ' ଓ 'କୁଳବୃଦ୍ଧ' ତାଙ୍କର ଦୁଇଟି ପ୍ରସିଦ୍ଧ ଚରିତୋପନ୍ୟାସ। 'କୁଳବୃଦ୍ଧ' ପାଇଁ ସେ ଲାଭ କରିଛନ୍ତି ମର୍ଯ୍ୟାଦାଜନକ ସାରଳା ପୁରସ୍କାର। ଏତଦ୍‌ବ୍ୟତୀତ ସେ ବହୁ ପ୍ରବନ୍ଧ, ଆଲୋଚନା, ନାଟକ ଆଦି ଲେଖି ଓଡ଼ିଆ ଗଦ୍ୟ ସାହିତ୍ୟକୁ ସମୃଦ୍ଧ କରିଛନ୍ତି। 'ପଥ ଓ ପୃଥିବୀ' ତାଙ୍କର ବହୁଚର୍ଚ୍ଚିତ ଆତ୍ମଚରିତ। ସେ ଥିଲେ ଜଣେ ସାମ୍ବାଦିକ। ମୂଲ୍ୟବୋଧଭିତ୍ତିକ ରାଜନୀତି କ୍ଷେତ୍ରରେ ମଧ୍ୟ ତାଙ୍କ ଭୂମିକା ଥିଲା ଉଲ୍ଲେଖଯୋଗ୍ୟ।

ସ୍ୱାଧୀନତା ମଣିଷର ଜନ୍ମଗତ ଅଧିକାର- ଏହି ବାର୍ତ୍ତା ହିଁ ଶଂସିତ ଗଳ୍ପର ଉପଜୀବ୍ୟ ଉପାଦାନ।

ରାୟବାହାଦୁର ସୋମନାଥ ମହାପାତ୍ର ପ୍ରଥମେ ପୁଲିସ ବିଭାଗରେ ଥିଲେ ଜଣେ ଅସ୍ଥାୟୀ ସବ୍‌ଇନ୍ସପେକ୍ଟର। ବ୍ରିଟିଶ୍ ସିଂହାସନ ପାଇଁ ତାଙ୍କ ହୃଦୟରେ ଥିଲା ଅପରିସୀମ ନିଷ୍ଠା ଓ ଅତୁଳନୀୟ ଅନୁରକ୍ତି। ବ୍ରିଟିଶ୍ ସରକାରଙ୍କ ଗୋଲାମି ତାଙ୍କ ଶିରା ପ୍ରଶିରାରେ ପ୍ରବାହିତ ହେଉଥିଲା। ଯାହାର ଦାନା ସେ ଖାଉଛନ୍ତି, ତାଙ୍କର ନିମକହାରାମ କରିବା ସମ୍ପୂର୍ଣ୍ଣ ଅସମ୍ଭବ ବୋଲି ସେ ବିବେଚନା କରୁଥିଲେ। ସତେ ଯେପରି ବ୍ରିଟିଶ ଶାସକଙ୍କ ପାଇଁ ତାଙ୍କ ଜୀବନ ଥିଲା ସମ୍ପୂର୍ଣ୍ଣ ଉତ୍ସର୍ଗୀକୃତ। ତାଙ୍କ ଜ୍ୟେଷ୍ଠପୁତ୍ର ଥିଲେ ଅରୁଣ। ସେ ଥିଲେ ଭାରତର ସ୍ୱାଧୀନତା ଆନ୍ଦୋଳନର ଜଣେ ମୁଖ୍ୟ ପୁରୋଧା। ସ୍ୱାଧୀନତା ମନୁଷ୍ୟର ଜନ୍ମଗତ ଦାବି- ଭାରତର ପବିତ୍ରତମ ଦାବି- ଏହା ଥିଲା ଜ୍ୟେଷ୍ଠପୁତ୍ର ଅରୁଣ ଜୀବନର ମୂଳମନ୍ତ୍ର। ସ୍ୱାଧୀନତା ପାଇଁ ସ୍ୱୀୟ ଜୀବନକୁ ଉତ୍ସର୍ଗ କରିବା ନିମନ୍ତେ ସେ ଥିଲା ସଦା ତତ୍ପର।